# ବିଶ୍ୱ ପରିବେଶ ଦିବସ ପାଳନ: ଯୁବ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଖଣ୍ଡଗିରୀ ଓ ଉଦୟଗିରୀ ରେ ପ୍ଲାଷ୍ଟିକ ବର୍ଜ୍ୟ ର ସଫେଇ

ଭୁବନେଶ୍ୱର ୫ ଜୁନ: ପ୍ରତିବର୍ଷ ଜୁନ ୫ ତାରିଖ ରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଏ । ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଲା ଲୋକଙ୍କ ମଧ୍ୟରେ ପରିବେଶକୁ ସୁରକ୍ଷିତ କରିବାଲାଗି ସଚେତନତା ସୃଷ୍ଟି କରିବା । ଏହି ବର୍ଷର ବିଷୟବସ୍ତୁ ହେଲା ପ୍ଲାଷ୍ଟିକ ପ୍ରଦୂଷଣକୁ ବନ୍ଦ କରିବା । ପ୍ଲାଷ୍ଟିକର ବହୁଳ ବ୍ୟବହାର ଆମ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି । ବିଶ୍ୱରେ ଏବେ ୮.୩ ବିଲିଅନ ଟନ ପ୍ଲାଷ୍ଟିକ ଅଛି, ସେଥିରୁ ୬.୩ ବିଲିଅନ ଟନ କେବଳ ବର୍ଜ୍ୟ । ପୃଥିବୀରୁ ନିର୍ଗତ ହେଉଥିବା ଗ୍ରୀନହାଉସ ଗ୍ୟାସ ର ୩.୪% ହେଉଛି ପ୍ଲାଷ୍ଟିକ ଜନିତ । ବିଶ୍ୱରେ ପ୍ରତି ମିନିଟରେ ୨ ନିୟୁତ ପ୍ଲାଷ୍ଟିକ ବ୍ୟାଗ ବ୍ୟବହୃତ ହେଉଛି । ୭୩% ସମୁଦ୍ର ଉପକୂଳର ଅଳିଆ କେବଳ ପ୍ଲାଷ୍ଟିକ ।

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ଦ୍ୱାରା ଗଠନ କରାଯାଇଥିବା ଇକୋସେଭର୍ସ ଯୁବଗୋଷ୍ଠିର ସଦସ୍ୟ ସଦସ୍ୟା ମାନେ ଖଣ୍ଡଗିରୀ ଓ ଉଦୟଗିରୀ ଐତିହାସିକ ପୀଠସ୍ଥଳୀରେ ସକାଳେ ପ୍ଲାଷ୍ଟିକ, ପଲିଥିନ ବର୍ଜ୍ୟବସ୍ତୁ ଆଦିକୁ ସଫା କରିଥିଲେ ଓ ବିଶ୍ୱ ପରିବେଶ ଦିବସର ମହତ୍ତ୍ୱ କୁ ଲୋକଙ୍କୁ ବୁଝାଇଥିଲେ । ଏହି ଉପଲକ୍ଷେ ଅପରାହ୍ନରେ ପିକକ୍ ଓ ଇକୋସେଭର୍ସ ଯୁବଗୋଷ୍ଠି ମାନଙ୍କ ଦ୍ୱାରା ଏକ ୱେବିନାରର ମଧ୍ୟ ଆୟୋଜନ କରଯାଇଥିଲା । ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଏହି ୱେବିନାର ପ୍ରାରମ୍ଭିକ ଭାଷଣ ଦେଇ ଏହି ୱେବିନାର ର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ, ପ୍ଲାଷ୍ଟିକ ବିଶ୍ୱ ପରିବେଶ ପାଇଁ ଏକ ବଡ ବିପଦ ରୂପେ ଉଭାହେଇଛି ଓ ଏହାକୁ ରୋକିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବିଶେଷକରି ଯୁବଗୋଷ୍ଠି ଏ ସମ୍ପର୍କରେ ସଚେତନ ହେବା ଉଚିତ ବୋଲି ସେ ନିଜର ମତ ରଖିଥିଲେ । ପିକକ୍ ର ଇକୋସେଭର୍ସ ଯୁବଗୋଷ୍ଠିର ରାଜ୍ୟସଭାପତି ସ୍ମୃତି ରଞ୍ଜନ ପ୍ରଧାନ ଏହି ୱେବିନାରରେ ସ୍ୱାଗତ ଭାଷଣ ଦେଇ ଏହି ସଭାର ପରିଚାଳନା କରିଥିଲେ । ବୈତରଣୀ ଇନିସିଏଟିଭର ପରିବେଶବିତ ଦୀପକ କୁମାର ମିଶ୍ର ପ୍ଲାଷ୍ଟିକର ବହୁଳ ବ୍ୟବହାର ଓ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ତଥା ଏହାକୁ ରୋକିବାର ଉପାୟ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷଜ୍ଞ ରୁବି ରାଉତ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବାରେ ଯୁବଗୋଷ୍ଠି ମାନଙ୍କର ଭୂମିକା ସମ୍ପର୍କରେ ବିଶେଷଭାବେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିକକ୍ ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ମଧ୍ୟ ଯୁବଗୋଷ୍ଠିଙ୍କୁ ପରିବେଶ ପାଇଁ କାର୍ଯ୍ୟ କାଇବାପାଇଁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଇକୋସେଭର୍ସ ଯୁବଗୋଷ୍ଠିର କୀର୍ତ୍ତି ବେହେରା, ସ୍ମୃତି ରଞ୍ଜନ ପ୍ରଧାନ, ସୁବାଷ ଓ ଅନ୍ୟାନ ସଦସ୍ୟ ମାନେ ନିଜର ସଫଳ କାହାଣୀ କହିଥିଲେ । ଶେଷରେ କେନ୍ଦୁଝରର ସୁବାଷ ଚନ୍ଦ୍ର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବିଶ୍ୱ ପରିବେଶ ଦିବସ ପରିପ୍ରେକ୍ଷୀରେ ରାଜ୍ୟ ର ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ ପ୍ରଦୁଷଣ ବନ୍ଦ କରିବା ପାଇଁ ପିକକ୍ ପକ୍ଷରୁ ଶିଶୁ, ଯୁବଗୋଷ୍ଠି ଓ ମହିଳା ମାନଙ୍କ ଦ୍ୱାରା ସଭା, ଚିତ୍ରାଙ୍କନ, ବୃକ୍ଷରୋପଣ, ଆଦି କରାଯାଇ ସଚେତନତା ର ବାର୍ତ୍ତା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପିକକ୍ ର ଅଞ୍ଜନା ଦାସ, ସତ୍ୟନାରାୟଣ ମହନ୍ତ, ଉପମା ମହାନ୍ତି, ପ୍ରିୟଦର୍ଶନୀ ସ୍ୱାଇଁ, ବାମଦେବ ଜେନା, ବିନୋଦ କୁମାର ଦାସ ଆଦି ପରିଚାଳନା କରିଥିଲେ ।